# ଭଗବାନ ପଟେ୍ଲ୍

ଜନ୍ମ: (୧୯୬୫-....) ମସିହା

**କବିତାର ଦୃଷ୍ଟି ଓ ଦିଗନ୍ତ: କବି ସୌଭାଗ୍ୟବନ୍ତ,** ପ୍ରକାଶକାଳ-୨୦୦୯, ମୂଲ୍ୟ: ଟ.୧୨୦/-

ଓଡ଼ିଆ ସାହିତ୍ୟର ଅନ୍ୟତମ ବିଶିଷ୍ଟ କବି ସୌଭାଗ୍ୟବନ୍ତ ମହାରଣାଙ୍କ କାବ୍ୟ ସମ୍ଭାର ଉପରେ ଏହା ଏକ ବିଶ୍ଳେଷଣାତ୍ମକ ଆଲେଖ୍ୟ । ଏଥିରେ ୧୩ଟି ପ୍ରବନ୍ଧ ସନ୍ନିବେଶିତ ହୋଇଛି । ସୌଭାଗବନ୍ତଙ୍କ କବିତାରେ ମାନବିକ ମୂଲ୍ୟବୋଧଠାରୁ ଆରମ୍ଭ କରି ରୋମାଣ୍ଟିକ୍ ଚେତନା ପର୍ଯ୍ୟନ୍ତ ସମସ୍ତ ଦିଗକୁ ତନ୍ନ ତନ୍ନ କରି ବିଭିନ୍ନ କ୍ଷେତ୍ରରେ ପ୍ରତିଫଳିତ କରାଯାଇଛି ।

**ଆଧୁନିକ ଓଡ଼ିଆ କାବ୍ୟକବିତା: ଭିନ୍ନ ପ୍ରେକ୍ଷାପଟ,** ପ୍ରକାଶକାଳ-୨୦୧୦, ମୂଲ୍ୟ-୧୫୦/-

ଆଧୁନିକ ଓଡ଼ିଆ କବିତାରେ ଶ୍ରୀଜଗନ୍ନାଥ ଚେତନା ତଥା ରୋମାଣ୍ଟିସିଜିମ୍, ଓଡ଼ିଆ କବିତାରେ ଶକ୍ତିପୂଜା, ଉତ୍ତର ସତୁରୀର ଓଡ଼ିଆ କବି ଓ କବିତା, ସ୍ୱଭାବକବି ଗଙ୍ଗାଧର, ଗୋଦାବରୀଶ ମହାପାତ୍ର, କୁନ୍ତଳାକୁମାରୀ, କାଳିନ୍ଦୀଚରଣ, ରାଧାମୋହନ ପ୍ରମୁଖ କାଳଜୟୀ ସାରସ୍ୱତ ସ୍ରଷ୍ଟାଙ୍କ ସମ୍ପର୍କରେ ଆଲୋଚନାରୁ ବହୁ ଆଲୋଚିତ ତଥ୍ୟ ମିଳିଥାଏ ଉକ୍ତ ପୁସ୍ତକରୁ ।